## ସଂକ୍ଷେପରେ

### ୧୧ଦିନ ପରେ ନେଇଥିବା ମୋଟର ଡଙ୍ଗା ଫେରାଇଲେ ମାଓବାଦୀ



ମାଲକାନଗିରି,୭।୧୦ (ଡି.ଏନ୍.ଏ.) - ମାଲକାନଗିରି ଜିଲା ସୀମାନ୍ତ ବିଜାପୁରଠାରୁ ଗତ ସେପ୍ଟେମ୍ବର ୨୫ରେ ମାଓବାଦୀମାନେ ନେଇଯାଇଥିବା ଏକ ମୋଟର ଡଙ୍ଗାକୁ ୧୧ ଦିନ ପରେ ଛାଡ଼ି ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଓ ଜିଲା ପ୍ରଶାସନ ଅନେକ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ସେତେବେଳେ ପାଇ ନ ଥିଲେ। ଦୀର୍ଘ ୧୧ ଦିନ ବ୍ୟବହାର କରିବା ପରେ ସେଥିରେ କିଛି ତ୍ରୁଟି ଦେଖାଦେବାରୁ ମାଓବାଦୀମାନେ ଏହାକୁ ଗ୍ରାମବାସୀଙ୍କୁ ଫେରାଇ ଦେଇଛନ୍ତି। ଏହା ଗ୍ରାମରେ ପହଞ୍ଚିବା ପରେ ଏକ ଟ୍ରାକ୍ଟର ଯୋଗେ ଏହାକୁ ଭୈରବଗଡ଼କୁ ଅଣାଯାଇଥିବା ଜଣାପଡ଼ିଛି।

### ଏମ୍‌ପିଭି-୮ ଗ୍ରାମରୁ ଅଜଗର ଉଦ୍ଧାର

କାଲିମେଳା, ୭।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତର ଏମ୍‌ପିଭି-୮ ଗ୍ରାମରୁ ଶୁକ୍ରବାର ଏକ ଅଜଗର ଉଦ୍ଧାର ଉଦ୍ଧାର ହୋଇଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ବଲରାମ ଭଞ୍ଜ ଏବଂ ଶରତ ପୂଜାରୀ ଏନେଇ ଖବର ପାଇ ଏହାକୁ ଉଦ୍ଧାର କରିଥିଲେ।



ଏମ୍‌ପିଭି-୮ ଗ୍ରାମରେ ଅଜଗରଟି ଜଣଙ୍କ ଘରେ ପଶି ୩ଟି କୁକୁଡ଼ା ଖାଇଦେଇଥିଲା। ପରେ ଅଜଗର ଆଉ କେଉଁଆଡ଼େ ଯାଇପାରି ନ ଥିଲା। ଏହା ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ସେମାନେ ମାଲକାନଗିରିର ସ୍ନେକ ହେଲ୍ପଲାଇନ ସଦସ୍ୟ ବଲରାମ ଓ ଶରତଙ୍କୁ ଜଣାଇଥିଲେ। ବଲରାମ ଏବଂ ଶରତ ଏମପିଭି-୮ ଗ୍ରାମରେ ପହଞ୍ଚି ଅଜଗରକୁ ଧରିଥିଲେ। ଅଜଗର ଗିଳିଥିବା ୩ଟି କୁକୁଡ଼ାକୁ ମଧ ସେମାନେ ବାହାର କରିଥିଲେ। ଅଜଗରଟି ୮ ଫୁଟରୁ ଉର୍ଦ୍ଧ୍ୱ ଲମ୍ବ ଥିବା ବେଳେ ଏହାର ଓଜନ ୨୦ କିଲୋରୁ ଅଧିକ ରହିଛି। ଉଦ୍ଧାର ପରେ ଏହାକୁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା। ପରେ ତାର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଇ ଜଙ୍ଗଲରେ ଛଡାଯାଇଥିଲା।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ଟସର

■ ତାଲିମ ନେଉଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ମହିଳା
■ କୋଷାଗୁଡ଼ିକୁ ଗରମପାଣିରେ ପକାଇ ସୂତା ବାହାର କରାଯାଏ
■ ଟସର ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ ଜିଲାପାଳ

ମାଲକାନଗିରି,୭।୧୦(ଡି.ଏନ.ଏ.)

ମହିଳାଙ୍କୁ କିପରି ଅଧିକ ସ୍ୱାବଲମ୍ବୀ କରାଯିବ ଏବଂ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ସେହି ଲକ୍ଷ୍ୟ ନେଇ ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତିର ପ୍ରଚେଷ୍ଟାରେ ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠା ହୋଇଛି ଟସର ତାଲିମ କେନ୍ଦ୍ର। ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି -୯୦ ଗ୍ରାମସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ହୋଇଥିବା ଟସର ତାଲିମ କେନ୍ଦ୍ରକୁ ଜିଲାପାଳ ବିଶାଲ ସିଂ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବିଡିଓ ଉମାଶଙ୍କର ଦଳାଇ, କାଲିମେଳା ସରପଞ୍ଚ ପୃଥୀରାଜ ମାଝି, ଓଡ଼ିଶା ଜୀବିକା ମିଶନର ବ୍ଲକ୍ ସଂଯୋଜକ ରତନ ଗୋଲଦାର ଉପସ୍ଥିତ ଥିଲେ। ତାଲିମ କେନ୍ଦ୍ରରେ ୩୦ଟି ମେଶିନ ମାଧ୍ୟମରେ ଟସର କୋଷାରୁ କିପରି ରେଶମ ସୂତା ପ୍ରସ୍ତୁତ କରାଯାଇପାରିବ ସେ ନେଇ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଉଛି। କାଲିମେଳା ବ୍ଲକର ବିଭିନ୍ନ ଗ୍ରାମରୁ ୩୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଗତ ୨ ତାରିଖରୁ ତାଲିମ ନେଉଛନ୍ତି। ସେମାନେ ୧ମାସ ଧରି ତାଲିମ ନେବେ ବୋଲି କହିଛନ୍ତି ଓଡ଼ିଶା ଜୀବିକା ମିଶନର ବ୍ଲକ୍ ସଂଯୋଜକ ଗୋଲଦାର। ଛତିଶଗଡ଼ ବିଲାସପୁର ଅଞ୍ଚଳର ଅସ୍ତିବ ମହିଳା ସମିତି ଟସର ତାଲିମ ଦେଉଛି। ଏଥିରେ ସମିତିର ମୁଖ୍ୟ ପୂଜା ବର୍ମା, ମ୍ୟାନେଜର ସଞ୍ଜୀବ କୁମାର, ଟ୍ରେନିଂ ସୁପରଭାଇଜର ରାଜକୁମାର, ଟେକ୍ନିସିଆନ ରାହୁଲ, ଭାରତୀ ସାରଥି, ଗାୟତ୍ରୀ କାଶ୍ୟପ ଓ ଖୁସପ୍ରୀତି କାଶ୍ୟପ ପ୍ରମୁଖ ସାମିଲ ଅଛନ୍ତି। ଛତିଶଗଡ଼ରୁ ଏହି ଟସର କୋଷା ଅଣାଯାଇ କୋଷାଗୁଡ଼ିକୁ ଗରମପାଣିରେ ପକାଯିବା ପରେ ସେଥିରୁ ଟସର ସୂତା ବା ରେଶମ ବାହାର କରାଯାଏ। ସେହି କୋଷାରୁ ମେଶିନ ଦ୍ୱାରା ରେଶମ ବାହାର କରି ସୂତାକୁ ସଂରକ୍ଷିତ ରଖାଯାଏ। ଏହି ସୂତାକୁ ବିଭିନ୍ନ କପଡ଼ା ଓ ଶାଢ଼ି ତିଆରିରେ ବ୍ୟବହାର କରାଯାଏ। ସରକାର ଏହି ଅଞ୍ଚଳରେ ଯଦି ଟସର ଚାଷକୁ ପ୍ରାଧାନ୍ୟ ଦେବେ ତେବେ ସୂତା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବନି ବୋଲି ତାଲିମ ନେଉଥିବା ମହିଳାମାନେ ପ୍ରକାଶ କରିଛନ୍ତି।



ମହିଳାମାନେ କୋଷାରୁ ସୂତା ବାହାର କରିବା ତାଲିମ ନେଉଛନ୍ତି।

# ନୀଳଗିରି ବୋଝେଇ ଟ୍ରାକ୍ଟର ଓଲଟି ଚାଳକ ଗୁରୁତର

କାଲିମେଳା, ୭।୧୦(ଡି.ଏନ.ଏ.)

ଶୁକ୍ରବାର ଅପରାହ୍ଣ ୫ଟାରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏମ୍‌ଭି-୧୨୬ ନିକଟ ରାସ୍ତାରେ ଏକ ନୀଳଗିରି ଗଛ ବୋଝେଇ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏଥିରେ ଟ୍ରାକ୍ଟର ଡ୍ରାଇଭର ଗୁରୁତର ହୋଇ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କାଲିମେଳା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରରୁ ଜଣାପଡିଛି, ଆନ୍ଧ୍ରପ୍ରଦେଶର ଏହି ଟ୍ରାକ୍ଟର(ଟିଏସ ୨୮ ଟିଏ- ୨୦୨୨) କାଲିମେଳା ଅଞ୍ଚଳରୁ ନୀଳଗିରି ଗଛ ବୋଝେଇ କରି ଭଦ୍ରାଚଳମକୁ ଯାଉଥିବା ସମୟରେ ଏମ୍‌ଭି-୧୨୬ ବ୍ରିଜ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରାକ୍ଟରର ଆଗ ଡାହାଣ ଚକା ଫାଟି ଯିବାରୁ ଟ୍ରାକ୍ଟରଟି ରାସ୍ତା କଡ଼କୁ ଓଲଟି ପଡିଥିଲା । ଏମ୍‌ଭି-୧୨୬ ଗ୍ରାମର ହିମାଂଶୁ ମଣ୍ଡଳ, ପ୍ରସନଜିତ ସାନା, ରାମକୃଷ୍ଣ ଦାସ, ପବିତ୍ର ସରକାର ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କାଲିମେଳା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଟ୍ରାକ୍ଟରରେ ଅତ୍ୟଧିକ ନୀଳଗିରି ଗଛ ବୋଝେଇ ହେତୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଆହତ ଡ୍ରାଇଭରଙ୍କ ପରିଚୟ ମିଳି ପାରିନାହିଁ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୧୦ କି.ମି. ଭାରରେ ବୁହାହେଲେ ରୋଗୀ

ମାଥିଲି,୭।୧୦(ଡି.ଏନ୍.ଏ.)

ରାଜ୍ୟ ସରକାର ସବୁ ଗ୍ରାମକୁ ପକ୍କା ରାସ୍ତା ଯୋଗାଇ ଦେଉଥିବା କହୁଛନ୍ତି। ମାତ୍ର ଦୁର୍ଗମ ଅଞ୍ଚଳରେ ଏପରି ଗ୍ରାମ ରହିଛି, ସେଠାକୁ ଏଯାଏ ପକ୍କା ରାସ୍ତାଟିଏ ନାହିଁ। ଫଳରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଗମ ଅଞ୍ଚଳର ସେପରି ଏକ ଗ୍ରାମ ହେଉଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକର ତାଗାବେଡ଼ା ଗ୍ରାମ। ଏହି ଗ୍ରାମରେ ଜଣେ ବୃଦ୍ଧ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ପଡ଼ିଥିଲେ। ଦୁଇ ଦିନ ତଳେ ତାଙ୍କ ଦେହ ଅତି ଗୁରୁତର ହେବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡାକିଥିଲେ। ମାତ୍ର ରାସ୍ତା ସମସ୍ୟା ଯୋଗୁ ଗ୍ରାମରେ ଆମ୍ବୁଲାନ୍ସ ପହଞ୍ଚିପାରି ନ ଥିଲା। ଶେଷରେ ପରିବାର ଓ ଗ୍ରାମବାସୀ ମିଶି ତାଙ୍କୁ ଏକ କାଉଡ଼ିରେ ଭାର କରି ୧୦ କି.ମି. ପାହାଡ଼ିଆ ରାସ୍ତା ଦେଇ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଗାବେଡ଼ା ଗ୍ରାମକୁ କିଛିଦିନ ତଳେ ଘାଟି କଟିଂ କରି ରାସ୍ତା ନିର୍ମାଣ କରି ବ୍ଲକ ଓ ଜିଲା ପ୍ରଶାସନ ଚର୍ଚ୍ଚାକୁ ଆସିଥିଲେ। ମାତ୍ର ଏହାର ୪ମାସ ଭିତରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମକୁ କେବେ ପକ୍କାରାସ୍ତା ନିର୍ମାଣ ହେବ ଏବଂ ଗ୍ରାମବାସୀ ମୌଳିକ ସୁବିଧା ସୁଯୋଗ ପାଇବେ ସେନେଇ ଗ୍ରାମବାସୀ ଚାହିଁ ରହିଛନ୍ତି। ଏହି ଦୁର୍ଗମ ଅଞ୍ଚଳର ଆଦିମ ବଣ୍ଡା ଜନଜାତିଙ୍କ ଦୁଃଖ କେବେ ଦୂର ହେବ ତାହା ଦେଖିବାକୁ ବାକି ରହିଲା।



ଗ୍ରାମବାସୀ ରୋଗୀଙ୍କୁ କାଉଡ଼ି ଭାରରେ ବୋହି ଡାକ୍ତରଖାନା ନେଉଛନ୍ତି।

# ମହିଳା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ମାଲକାନଗିରି,୭।୧୦(ଡି.ଏନ.ଏ.)

ମାଲକାନଗିରି ପରି ଏକ ଆଦିବାସୀ ଅନଗ୍ରସର ଜିଲାରେ ମହିଳାମାନେ ଫୁଟ୍‌ବଲ ଖେଳରେ ଆଗେଇ ଆସିଥିବା ଜିଲା ପାଇଁ ଏହା ଏକ ଗୌରବ। ଜିଲାର ବିଭିନ୍ନ ଅଞ୍ଚଳରୁ ୮ ଟି ମହିଳା ଫୁଟ୍‌ବଲ ଖେଳାଳି ଦଳଙ୍କୁ ନେଇ କାଲିମେଳା ବ୍ଲକ ଟିଗଲ୍ ପଞ୍ଚାୟତ ଅନ୍ତର୍ଗତ ତାମନ୍‌ପାଲ୍ଲୀ ଗ୍ରାମରେ ଏକ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ ହୋଇଛି । ଏହି ପ୍ରତିଯୋଗିତାକୁ ମାଲକାନଗିରି ପୂର୍ବତନ ବିଧାୟକ ମୁକୁନ୍ଦ ସୋଢ଼ି ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କାଲିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଢ଼ି , ଉପାଧକ୍ଷ ଲକ୍ଷ୍ମୀଧର ମାଡକାମି, ଟିଗଲ ସରପଞ୍ଚ ଆମି କୁ, ବଡିଗେଟା ସରପଞ୍ଚ ନିଲି ସୋଢ଼ି , ମାଲାଭରମ ସରପଞ୍ଚ ଦୁର୍ଗାଚରଣ ମାଢି ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମ ଦିନ ଖେଳରେ ତାମନପାଲ୍ଲୀ ଖ ଦଳ ସହିତ ମାଲକାନଗିରି ଟାଉନ୍ ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତାମନପାଲ୍ଲୀ ଦଳ ମାଲକାନଗିରି ଦଳକୁ ୨-୦ ଗୋଲରେ ପରାସ୍ତକରି ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ରେଫରି ଭାବେ ଏମ୍‌ଭି-୯୬ ଗ୍ରାମର ପଙ୍କଜ ରାୟ ଦାୟିତ୍ୱ ତୁଲାଇଥିଲେ । ତେବେ ମହିଳାମାନଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବାରୁ ଝିପିଝିପି ବର୍ଷା ସତ୍ତ୍ୱେ ପ୍ରାୟ ୫ ହଜାରୁ ଉର୍ଦ୍ଧ୍ୱ ଦର୍ଶକ ଏହି ଖେଳକୁ ଉପଭୋଗ କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ଗୌତମ



@ ମକର



@ ରିତ୍ୱିକ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୪ ପ୍ରାର୍ଥୀ କଲେ ନାମାଙ୍କନ ପତ୍ର ଦାଖଲ

ଜୟପୁର, ୭।୧୦ (ନି.ପ୍ର.)-

କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ ନେଇ ଶୁକ୍ରବାର ଆରମ୍ଭ ହୋଇଛି ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା। ପ୍ରାର୍ଥୀମାନେ ଶୁକ୍ରବାର ଓ ଶନିବାର ନାମାଙ୍କନ ପତ୍ର ଦାଖଲ କରିବେ । ୧୫ଟି ଜୋନ ଲାଗି ନିର୍ଦ୍ଦେଶକ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ। ପ୍ରଥମ ଦିନରେ ୨୪ଟି ନାମାଙ୍କନ ପତ୍ର ଦାଖଲ ହୋଇଛି। ନିର୍ବାଚନ ଅଧିକାରୀ ରୂପେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ ରହଛନ୍ତି। ୨ ଦିନ ନାମାଙ୍କନ ପତ୍ର ଦାଖଲ ପରେ ୮ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ରେ ଯାଞ୍ଚ ଏବଂ ଲିଖିତ ଅଭିଯୋଗ ଗ୍ରହଣ ନେଇ ଧାର୍ଯ୍ୟ ହୋଇଛି। ୧୧ରେ ଅଭିଯୋଗର ଶୁଣାଣି ହେବ । ୧୨ରେ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ରେ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ । ୧୫ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ନେଇ ସ୍ଥିର ହୋଇଛି।

# ମହିଳା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ମାଲକାନଗିରି,୭।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ମହିଳା ଫୁଟ୍‌ବଲ ଟିମ୍‌କୁ ନେଇ କାଲିମେଳା ବ୍ଲକ ଟିଗଲ୍ ପଞ୍ଚାୟତ ତାମନ୍‌ପାଲି ଗ୍ରାମରେ ଏକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାକୁ ମାଲକାନଗିରି ପୂର୍ବତନ ବିଧାୟକ ମୁକୁନ୍ଦ ସୋଢି ଉଦ୍‌ଘାଟନ କରିଥିଲେ। କାଲିମେଳା ବ୍ଲକ ଅଧକ୍ଷା ସୁବାସିନି ସୋଢି, ଉପାଧକ୍ଷ ଲକ୍ଷ୍ମୀଧର ମାଡକାମି , ଟିଗଲ ସରପଞ୍ଚ ଆମିକୁ , ବଡିଗେଟା ସରପଞ୍ଚ ନିଲି ସୋଢି, ମାଲାଭରମ ସରପଞ୍ଚ ଦୁର୍ଗାଚରଣ ମାଢି ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମ ଦିନର ମ୍ୟାଚ ତାମନପାଲ୍ଲି ଖ ଦଳ ସହ ମାଲକାନଗିରି ଟାଉନ୍ ମଧ୍ୟରେ ହୋଇଥିଲା । ତାମନପାଲ୍ଲି ଦଳ ମାଲକାନଗିରି ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରତିଯୋଗିତାରେ ରେଫେରି ଭାବେ ଏମ.ଭି-୯୬ ଗ୍ରାମର ପଙ୍କଜ ରାୟ ଦାୟିତ୍ୱ ତୁଲାଇଥିଲେ ।



ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି ।

# ପଲିଥିନ ତଳେ ଜୀବନ

## ଆବାସ ଯୋଜନା

■ ଆବାସ ଘର ପାଇଁ ଜଣାଇ କିଛି ସୁଫଳ ମିଳିନି
■ ପିଇଓ କହିଲେ,ତାଲିକାରେ ନାମ ଥିଲେ ମିଳିବ
■ ଟିକେ ପବନ ହେଲେ କାନ୍ଥରୁ ଖସୁଛି ମାଟି

ଦଶମନ୍ତପୁର,୭।୧୦ (ଡି.ଏନ.ଏ.)

ମୁଣ୍ଡ ଗୁଞ୍ଜିବାକୁ ପକ୍କାଘର ଖଣ୍ଡିଏ ନାହିଁ । ଭଙ୍ଗା ଦଦରା ପଲିଥିନଟଣା ଛପରଘରେ ମୁଣ୍ଡ ଗୁଞ୍ଜିଛନ୍ତି ୨ ପ୍ରାଣୀ। ଘର ଭିତରୁ ଚାହିଁଲେ ଦିନରେ ସୂର୍ଯ୍ୟ, ରାତିରେ ତାରା ଦେଖାଯାଉଛି। ବର୍ଷାଦିନେ ଅବସ୍ଥା ନ କହିବା ଭଲ। ବର୍ଷାପାଣି ଗଳିବାରୁ ଚଳିବା ହୋଇପଡୁଛି କଷ୍ଟକର। ଟିକେ ପବନ ହେଲେ କାନ୍ଥରୁ ମାଟି ଖସୁଛି ।

ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତର ମରିଚମାଳ ଗ୍ରାମରେ। ଗ୍ରାମରେ ରେଲି ସାଉନ୍ତା (୯୦) ପରିବାର ସହ ରହନ୍ତି। ଝିଅ ବାହାହୋଇ ଚାଲିଯିବା ପରେ ଏବେ ସ୍ତ୍ରୀସ୍ୱାମୀ ଦୁଇପ୍ରାଣୀ ଉଭୟେ ଉଭୟଙ୍କ ଭରସା। ସରକାରୀ ସୁବିଧା ସେପରି କିଛି ଏଯାଏ ଏମାନଙ୍କୁ ମିଳିନି। ରାଶନ କାର୍ଡ ଓ ମିଳୁଥିବା ଭତ୍ତା ଉଭୟଙ୍କ ଭରସା। ଦୀର୍ଘବର୍ଷ ହେଲା ଉଭୟେ ଭଙ୍ଗା ଦଦରା ଛଣ ଛପର ଘରେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଗତବର୍ଷ ଝଡ଼ ତୋଫାନରେ ଘର ଭାଙ୍ଗିଥିଲା। ଏ ବିଷୟରେ ଆର୍‌ଆଇଙ୍କୁ ଲିଖିତ ଭାବେ ଜଣାଇଥିଲି, ହେଲେ ପଲିଥିନ ଖଣ୍ଡେ ଦେଲେ ନାହିଁ, ମୁଁ ନିଜେ ପଲିଥିନ କିଣି ଘର ଉପରେ ଢାଙ୍କିଛି ବୋଲି କହନ୍ତି ରେଲି। ଆବାସ ଘର ପାଇଁ ଅନେକଥର ସରପଞ୍ଚ ଓ ପିଇଓଙ୍କୁ ଲିଖିତ ଭାବେ ଜଣାଇଛି, ମାତ୍ର କିଛି ସୁଫଳ ମିଳିନି ବୋଲି କହନ୍ତି ସେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆମକୁ ସହାୟତା କରନ୍ତୁ ନଚେତ୍ ଆମ ପରିବାରର ସମସ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି କହିଛନ୍ତି ସେ। ଏ ସମ୍ପର୍କରେ ପିଇଓ କେତନ ହାଲୱାଙ୍କୁ ପଚାରିବାରୁ ମୁଁ ଏହାର ତଦନ୍ତକରି ପଦକ୍ଷେପ ନେବି। ଯଦି ତାଙ୍କର ତାଲିକାରେ ନାମ ଥିବ ତେବେ ମୁଁ ବ୍ୟବସ୍ଥା କରିବି ବୋଲି କହିଥିଲେ।



ପଲିଥିନ୍ ଟଣା ତାଲପୋଲିନ୍ ଘରେ ରେଲିଙ୍କ ପରିବାର ।

## ସଂକ୍ଷେପରେ

### ଓଡିଆ ସିନେମା ଦି କୋର୍ଟର ଶୁଭାରମ୍ଭ

ଜୟପୁର, ୭।୧୦ (ନି.ପ୍ର.)- ସାଇ ଫିଲମ୍ ଦ୍ୱାରା ପ୍ରସ୍ତୁତ ଦି କୋର୍ଟ କୋରାପୁଟିଆ ଓଡିଆ ସିନେମାର ଶୁଭାରମ୍ଭ ହୋଇଛି। ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏହାର ଶୁଭାରମ୍ଭ କରାଯାଇଛି । ଏହି ସିନେମାର ନିର୍ଦ୍ଦେଶକ ଅମର ମିଶ୍ର, ପ୍ରଯୋଜକ ଲାଲମୋହନ ମିଶ୍ର, ମନୋଜ ପାତ୍ର ରହିଥିବା ବେଳେ କାହାଣୀ ଲେଖିଛନ୍ତି ଲାଲ ମୋହନ ମିଶ୍ର ଓ ରବିନ୍ଦ୍ର ପାତ୍ର।

### ଜୁଆ ଆଡ୍ଡା ଉପରେ ଚଢାଉ

ଜୟପୁର, ୭।୧୦ (ନି.ପ୍ର.)- ଜୁଆ ଖେଳ ଚାଲୁଥିବା ଖବର ପାଇ ଜୟପୁର ସଦର ପୋଲିସ ଚଢାଉ କରି ଗେଟଗୁଡା ନିକଟରୁ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ ହଜାର ୧୦ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡିକହିଛନ୍ତି ।

### କଡା ସୁରକ୍ଷାରେ ଭସାଣି ଉତ୍ସବ ଶେଷ

ଜୟପୁର, ୭।୧୦ (ନି.ପ୍ର.)- ଜୟପୁରରେ ପୂଜା ପାଇଥିବା ଦୁର୍ଗା ମେଢକୁ ଶୁକ୍ରବାର କଡା ସୁରକ୍ଷାରେ ଭଷାଣି କରାଯାଇଛି। ପ୍ରଶାସନର ପୂର୍ବରୁ ଦୁର୍ଗା ମେଢକୁ ବିଭିନ୍ନ ରୁଟରେ ନେଇ ବିସର୍ଜନ କରିବାକୁ ସ୍ଥିର କରିଥିଲା। ସେହି ଅନୁଯାୟୀ ଶୁକ୍ରବାର ଭଷଣି ଉତ୍ସବ ଅନୁଷ୍ଠିତ ହୋଇ ଘରୋଇ ବସଷ୍ଟାଣ୍ଡ, ଗାନ୍ଧୀ ଛକ, ସରକାରୀ ବସଷ୍ଟାଣ୍ଡ, ଜଗତଜନନୀ ଛକ, ମାଦଳାସାହି, ଗୁଜୁରାତି କୋଲନୀ, ବିଦ୍ୟୁତ ବିଭାଗ ଓ ଜୟନଗର ମେଢକୁ ନୁଆସାହି ଫିସରି ଟ୍ୟାଙ୍କ ରୋଡରେ କରାଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି ।

### ମଦ ଦୋକାନରୁ ଲୁଟ୍, ଭଙ୍ଗାରୁଜା: ୫ ଅଟକ

ଟିକିରି,୭।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଦୋରାଗୁଡ଼ା ଥାନା ଅଧୀନ ସାକ୍ରାଖୋଲା ସ୍ଥିତ ବିଦେଶୀ ଠିପି ଖୋଲା ମଦ ଦୋକାନରେ ପଶି ବୁଧବାର ରାତିରେ ଦୁର୍ବୃତ୍ତ ଭଙ୍ଗାରୁଜା ଏବଂ ଲୁଟ୍ କରିଛନ୍ତି। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରଉଚରା କରୁଛି। ରାତିରେ ମଦ ଦୋକାନରେ ୨୫ ଜଣ ଦୁର୍ବୃତ୍ତ ପହଞ୍ଚିଥିଲେ। ପ୍ରଥମେ ବାହାନାରେ ମଦ ମାଗିଥିଲେ। ମଦ ନ ଦେବାରୁ ଭଙ୍ଗାରୁଜା, ପୋଡ଼ାଜଳା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଲା ଭାଙ୍ଗି କର୍ମଚାରୀଙ୍କୁ ଭୟଭୀତ କରିବା ସହ ଦୁର୍ବୃତ୍ତମାନେ ପ୍ରାୟ ୬୭ ହଜାର ଟଙ୍କା ମୂଲ୍ୟର ମଦ ଏବଂ ପ୍ରାୟ ସାଢ଼େ ୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଗୁରୁବାର ଥାନାରେ ଦୋକାନ ମ୍ୟାନେଜର ରଙ୍ଗ ବାହାଦୂର ସିଂହ ଓ ଅନ୍ୟ ୩ ଜଣ କର୍ମଚାରୀ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଆଧାରରେ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଦଶହରା ଉପଲକ୍ଷେ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଲୁଟ୍ ଏବଂ ଭଙ୍ଗାରୁଜା କରିଥିବା ଯୁବକମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଫଟୋ ସିସିଟିଭି ଫୁଟେଜ ସହ ସାମଞ୍ଜସ୍ୟ ରହୁଥିବା ପୋଲିସ ପ୍ରକାଶ କରିଛି।

# ଓସିଏସ୍ ପରୀକ୍ଷାରେ ଉପାନ୍ତ ଅଞ୍ଚଳ ପିଲାଙ୍କ ସଫଳତା

## ୫ମ ସ୍ଥାନରେ ମାଲକାନଗିରିର ଦେବବ୍ରତ

ମାଲକାନଗିରି, ୭।୧୦ (ଡି.ଏନ.ଏ.)


ଦେବବ୍ରତ ମହାରଣା

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ମାଲକାନଗିରିର ଦେବବ୍ରତ ମହାରଣା ପଞ୍ଚମ ସ୍ଥାନ ଅଧିକାର କରି ଜିଲାପାଇଁ ଗୌରବ ଆଣିଛନ୍ତି। ସେ ସଦର ମହକୁମା କୁମୁଟିଗୁଡାର ଅବସରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ର ମହାରଣାଙ୍କ ଜ୍ୟେଷ୍ଠପୁତ୍ର। କଠିନ ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଛି। ଏଥିପାଇଁ ସେ ମାଆବାପା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଦେବବ୍ରତ ଗତ ବର୍ଷ ଓ.ଏ.ଏସ ପରୀକ୍ଷା ଦେଇଥିଲେ। ତାଙ୍କୁ ଓ.ଆର.ଏସ୍‌ରେ ନିଯୁକ୍ତି ମିଳିଥିଲା । ସେ ଭବାନୀପାଟଣା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଭାବେ କାର୍ଯ୍ୟ କରୁଛନ୍ତି।

## ବାପାଙ୍କ ସ୍ୱପ୍ନ ପୂରଣ କଲେ ପାପଡ଼ାହାଣ୍ଡିର ଚନ୍ଦନ

ପାପଡ଼ାହାଣ୍ଡି, ୭।୧୦(ଡି.ଏନ୍.ଏ.)


ଚନ୍ଦନ କୁମାର ନାୟକ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମା ନୂଆସାହିର ଚନ୍ଦନ କୁମାର ନାୟକ ଚଳିତ ବର୍ଷ ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନବରଙ୍ଗପୁର ଜିଲା ଓ ପାପଡ଼ାହାଣ୍ଡି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ ୧୪୯ ର୍ୟାଙ୍କ୍‌ରେ ରହିଛନ୍ତି। ୨ ବର୍ଷ ଧରି ଭୁବନେଶ୍ୱରରେ ରହି ସେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଶୁକ୍ରବାର ଫଳ ପ୍ରକାଶ ପାଇବା ପରେ ପାପଡ଼ାହାଣ୍ଡିରେ ଖୁସିର ଲହରି ଖେଳଯାଇଛି। ଚନ୍ଦନଙ୍କ ବାପା ଜଗନ୍ନାଥ ନାୟକ ବଡ଼ କୁମୁଲି ପ୍ରାଣୀ ଚିକିତ୍ସାଳୟରେ ଏଲ୍‌ଆଇ ଅଛନ୍ତି।

ବାପାଙ୍କ ଠାରୁ ଓଏଏସ୍ ପାଇଁ ପ୍ରେରଣା ପାଇଥିଲି। ଏହା ତାଙ୍କର ସ୍ୱପ୍ନ ଥିଲା। ତାହା ସାକାର କରିଛି। ବାପା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲେ। ତେଣୁ ପ୍ରଥମ ଶ୍ରେଣୀ କର୍ମଚାରୀ ହେବାକୁ ଚାହୁଁଥିଲି ବୋଲି ଚନ୍ଦନ ଧରିତ୍ରୀକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରିବା ସହ ପରିବାର ଛାଡି ଭୁବନେଶ୍ୱର ରହି ପରୀକ୍ଷା ପ୍ରସ୍ତୁତି କରୁଥିଲେ ବୋଲି ଚନ୍ଦନ କହିଛନ୍ତି। କରୋନା ପୂର୍ବରୁ ୨୦୧୯ରେ ପ୍ରିଲିମିନାରୀରେ ସଫଳତା ପାଇ ନ ଥିଲେ ମଧ୍ୟ ମନୋବଳ ଭାଙ୍ଗି ନ ଥିଲା। ଅଧିକ ପରିଶ୍ରମ କରିଥିଲି। ଓଏଏସ୍ ପାଇବା ନେଇ ଆତ୍ମବିଶ୍ୱାସ ଥିଲାବୋଲି ସେ କହିଛନ୍ତି। ଆଦିବାସୀ ଅଞ୍ଚଳରୁ ଆସିଛି, ଏଠାରେ ଲୋକଙ୍କ ଅନେକ ସମସ୍ୟା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ବେଶୀ। ଆଦିବାସୀଙ୍କ ଭାଷା ବୁଝି ପାରୁଥିବାରୁ ଲୋକଙ୍କ ସମସ୍ୟା ଠିକ ଭାବରେ ଉପସ୍ଥାପନା କରି ତାହାର ସମାଧାନ କରାଇ ପାରିବି ବୋଲି ଚନ୍ଦନ କହିଛନ୍ତି। ଆତ୍ମ ବିଶ୍ୱାସ, ବାପା, ମା, ବଡ଼ ଭଉଣୀ, ଭିଣୋଇ ଏବଂ ଗୁରୁଜନଙ୍କୁ ଚନ୍ଦନ ନିଜ ସଫଳତାର ଶ୍ରେୟ ଦେଇଛନ୍ତି।

## ରାୟଗଡ଼ା ଜିଲାର ୨ ସୁନାପୁଅ ଦେବେନ୍ଦ୍ର, ଚନ୍ଦ୍ରଦାସ

ଗୁଣପୁର,୭।୧୦(ଡି.ଏନ୍.ଏ.)


ଦେବେନ୍ଦ୍ର ଶବର


ଚନ୍ଦ୍ରଦାସ ମହାନନ୍ଦିଆ

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଆଦିବାସୀ ଅଧ୍ୟୁସିତ ରାୟଗଡ଼ା ଜିଲାର ୨ ଯୁବକ ସଫଳତା ପାଇଛନ୍ତି। ଦୁହେଁ ହେଲେ ରାମନାଗୁଡ଼ା ବ୍ଲକ ଟିକରପଡ଼ା ଗ୍ରାମର ଚାଷୀପୁଅ ଦେବେନ୍ଦ୍ର ଶବର ଏବଂ ରାୟଗଡ଼ାର ଚନ୍ଦ୍ରଦାସ ମହାନନ୍ଦିଆ। ଦେବେନ୍ଦ୍ର ହେଲେ ଟିକରପଡ଼ାର କୃଷକ ହାଡ୍ଡୁ ଶବରଙ୍କ ପୁଅ। ସେ ୩୮୭ ନମ୍ବର ସ୍ଥାନରେ ରହିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଆଗକୁ ଯାଇ ଏହି ସଫଳତା ପାଇଛନ୍ତି। ଛୋଟବେଳୁ ମେଧାବୀ ଛାତ୍ର ରୂପେ ପରିଚିତ ଦେବେନ୍ଦ୍ର କୁଜେନ୍ଦ୍ରି ଆଶ୍ରମ ବିଦ୍ୟାଳୟରେ ଦଶମ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ। ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ୨୦୧୦ ରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ମଧ୍ୟ ହୋଇଥିଲେ। ପରେ ସେ ତାଙ୍କ ଗୁରୁ ରମେଶ ଦାସଙ୍କ ପରାମର୍ଶରେ ଭୁବନେଶ୍ୱର ସ୍ଥିତ ବିଜେବି କଲେଜରେ ଯୁକ୍ତ ୨ ଏବଂ ଛତ୍ରପୁରରେ ବିଏସ୍‌ସି ପଢ଼ିଥିଲେ। ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ ପାଠପଢ଼ା ପରେ ସେ ପଦ୍ମପୁର ତହସିଲରେ କିରାଣୀ ଭାବେ ଚାକିରି କରିଥିଲେ। ହେଲେ ଲୋକଙ୍କ ସେବା କରିବା ଲକ୍ଷ୍ୟରୁ ସେ ବିଚ୍ୟୁତ ହୋଇ ନ ଥିଲେ। ଚାକିରି ସହ ଓସିଏସ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ଏବେ ସେ ସଂଘର୍ଷର ଫଳ ପାଇଥିବା ପ୍ରକାଶ କରିଛନ୍ତି। ଦେବେନ୍ଦ୍ରଙ୍କ ସଫଳତାକୁ ନେଇ ନିଜ ଗ୍ରାମ ଟିକରପଡ଼ା ସମେତ କୁଜେନ୍ଦ୍ରି ଆଶ୍ରମ ସ୍କୁଲ, ରାମନାଗୁଡ଼ା ଏବଂ ପଦ୍ମପୁର ତହସିଲରେ ଖୁସିର ପ୍ରକାଶ ପାଇଛି। ଦେବେନ୍ଦ୍ରଙ୍କ ଗୁରୁ ରମେଶ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦେବେନ୍ଦ୍ର ଛୋଟବେଳୁ ହିଁ ମେଧାବୀ ଛାତ୍ର। ତାଙ୍କ ସଫଳତା ଅଞ୍ଚଳ ପାଇଁ ଗର୍ବର ବିଷୟ। ତାଙ୍କ ଗୁରୁ ହିସାବରେ ଅତ୍ୟନ୍ତ ଆନନ୍ଦିତ ବୋଲି ଦାସ କହିଛନ୍ତି।

ସେହିପରି ରାମନାଗୁଡ଼ା ତହସିଲରେ ଅତିରିକ୍ତ ତହସିଲଦାର ରୂପେ କାର୍ଯ୍ୟରତ ରାୟଗଡ଼ା ସଦର ଅଞ୍ଚଳର ଚନ୍ଦ୍ରଦାସ ମହାନନ୍ଦିଆ ମଧ୍ୟ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରୁ ୨ ପୁଅଙ୍କ ସଫଳତାକୁ ନେଇ ଖୁସିର ଲହରୀ ଖେଳିଯାଇଛି।

# ମାଁ ଦୁର୍ଗାଙ୍କ ଭସାଣି ଉତ୍ସବ


ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ମାଁ ଦୁର୍ଗାଙ୍କ ଭସାଣୀ ଶୋଭାଯାତ୍ରା।

ଗୁଣପୁର,୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଠାରେ ମାଁ ଦୁର୍ଗାଙ୍କ ଭସାଣୀ ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ପୂଜା ମଣ୍ଡପ ଠାରୁ ମାଁଙ୍କ ଭସାଣୀ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ବଂଶଧାରା ନଦୀର ଆସ୍ଥାୟୀ ପୋଖରୀରେ ମାଁଙ୍କ ପ୍ରତିମାଙ୍କୁ ବିସର୍ଜନ କରାଯାଇଥିଲା। ଚଳିତ ବର୍ଷ ସହରର ଦୁଇଟି ସ୍ଥାନ ଯଥା ବିଦ୍ୟୁତ୍ କାର୍ଯ୍ୟାଳୟ ଏବଂ ଗାନ୍ଧୀ ନଗରଠାରେ ମାଁଙ୍କ ପୂଜା ଆୟୋଜନ ହୋଇଥିଲା। ଦୁଇ ପୂଜା କମିଟିର କର୍ମକର୍ତ୍ତା ମାଁଙ୍କୁ ଶୋଭାଯାତ୍ରାରେ ନେଇ ଭସାଣୀ କାର୍ଯ୍ୟ ସମପାନ କରିଥିଲେ।

## ସ୍ୱାମୀଙ୍କ କୋକେଇ ଉଠିବାବେଳେ କରେଣ୍ଟ ଲାଗି ସ୍ତ୍ରୀଙ୍କ ମୃତ୍ୟୁ

### ଗୋଟିଏ ଜୁଇରେ ଜଳିଲେ ସ୍ୱାମୀ, ସ୍ତ୍ରୀ

ରାଇଘର, ୭।୧୦(ଡି.ଏନ୍.ଏ.)

ଘରୁ ଉଠୁଥିଲା ସ୍ୱାମୀଙ୍କ କୋକେଇ। କାନ୍ଦ ବୋବାଳିରେ ଫାଟି ପଡୁଥିଲା ଘର। ନିଜ ପ୍ରିୟର ମଣିଷକୁ ଶେଷ ଥର ପାଇଁ ଦେଖି ବିଦାୟ ଦେବାକୁ ଘର ବାହାରକୁ ଯାଉଥିଲେ ବୃଦ୍ଧା। ତେବେ ବିଦ୍ୟୁତ୍ ଚାର୍ଜ ହୋଇଥିବା ଘର ଟିଣ କବାଟ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ହିଁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଗୋଟିଏ ଜୁଇରେ ହିଁ ସ୍ୱାମୀ–ସ୍ତ୍ରୀଙ୍କୁ ଜଳାଯାଇଥିଲା। ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତିଶଗଡ ସୀମାନ୍ତ ଦୁର୍ଗମ ଟିମନପୁର ପଞ୍ଚାୟତରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ରାଇଘର ଥାନା ଅଧୀନ ଟିମନପୁର ପଞ୍ଚାୟତ ଜୁନାନୀ ଗ୍ରାମର ବାଲ୍‌ଚନ୍ଦ୍ର ଲହରା କିଛି ଦିନ ହେବ ଅସୁସ୍ଥ ଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ଗାଁ ମଶାଣି ନେବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି କରୁଥିଲେ। ଏହି ସମୟରେ ବାଲ୍‌ଚନ୍ଦ୍ରଙ୍କ ସ୍ତ୍ରୀ ସୁପତି ଘର ଭିତରୁ ବାହାରିବାବେଳେ କରେଣ୍ଟ ହୋଇଯାଇଥିବା ଟିଣ କବାଟକୁ ଛୁଇଁ ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଏ ସମ୍ପର୍କରେ ରାଇଘର ଥାନାରେ ଖବର ଦେଇଥିଲେ। ପୋଲିସ ଶୁକ୍ରବାର ସକାଳୁ ସେଠାରେ ପହଞ୍ଚି ଥିଲା। ଏଏସ୍‌ଆଇ ରବୀନ୍ଦ୍ରନାଥ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। କେସ୍ ନଂ. ୭୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାପରେ ଗାଁ ମଶାଣିରେ ଗୋଟିଏ ଜୁଇରେ ୨ଜଣଙ୍କୁ ଜଳାଯାଇଥିଲା।

## 'ବେଦ ଜ୍ଞାନାମୃତ' ପୁସ୍ତକ ଲୋକାର୍ପିତ


ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ପଦ୍ମପୁର,୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ନିକଟସ୍ଥ ମୋଟିକିପଦର ଯଜ୍ଞ ଭବନ ପରିସରରେ ସମାଜ ସଂସ୍କାରଧର୍ମୀ ସାର୍ବଜନୀନ ସଙ୍ଗଠନ ବିଶ୍ୱ ବୈଦିକ ପରିବାରର ପ୍ରତିଷ୍ଠାତା ଆତ୍ମାନନ୍ଦଙ୍କ ୭୮ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନଗର କୀର୍ତ୍ତନ, ବେଦପାଠ, ବୈଦିକ ଭଜନ, ଓମ୍ ଧ୍ୱଜା ଉତ୍ତୋଳନ, ଚାରାରୋପଣ, ଦାନ ଉତ୍ସବ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଆୟୋଜିତ ପଞ୍ଚ ମହାଯଜ୍ଞ କାର୍ଯ୍ୟକ୍ରମରେ ପୌରହିତ୍ୟ କରି ପାରମାର୍ଥିକ ପ୍ରାର୍ଥନା ଉପରେ ଗୁରତ୍ୱାରୋପ କରାଯାଇଥିଲା। ଆତ୍ମାନନ୍ଦଙ୍କ ଦାରା ଲିଖିତ ବୈଦିକ ପ୍ରବନ୍ଧର ଶାଶ୍ୱତ ସମ୍ଭାର 'ବେଦ ଜ୍ଞାନାମୃତ' ପୁସ୍ତକ ଅନୁଷ୍ଠାନର ସାଧିକା ଜ୍ୟୋସ୍ନା ସାହୁଙ୍କ ଦାରା ଲୋକାର୍ପିତ ହୋଇଥିଲା। ବୈଦିକ ଧର୍ମ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ଜ୍ୟୋସ୍ନା ଦେବୀ, ବିଦ୍ୟାଧର ଶବର, ଚନ୍ଦ୍ର ଭୂଷଣ ମାଣ୍ଡାଙ୍ଗି ଓ ଅଧ୍ୟାପକ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମଳାକାନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ କଳ୍ପନା, ପୂଜା, ପ୍ରାତୀକ୍ଷା କଣ୍ଠଦାନ କରିଥିବା ବେଳେ ଭୁବନ ଗମାଙ୍ଗ, ଶେଖର ମହାରଣା, ମନୋଜ ଜେନା ବାଦ୍ୟଯନ୍ତ୍ରର ସହଯୋଗ କରିଥିଲେ। ପଞ୍ଚ ମହାଯଜ୍ଞ ସଞ୍ଚାଳନାରେ ମୁଖ୍ୟ ପରିଚାଳକ ବିମଳେନ୍ଦୁ ପାଢ଼ୀ, ସୀମାଞ୍ଚଳ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ସହଯୋଗୀ ରମେଶ ଚନ୍ଦ୍ର ପାତ୍ର, ଲାଲୁ ପ୍ରସାଦ ମାଣ୍ଡାଙ୍ଗି, ପ୍ରେମାନନ୍ଦ ମାଣ୍ଡାଙ୍ଗି, ସୁଜନ ଗୌଡ଼ ସହଯୋଗ କରିଥିଲେ।

## ଶ୍ରୀକ୍ଷେତ୍ର ହାଇଟେକ୍ ପବ୍ଲିକ ସ୍କୁଲରେ ଆଜାଦୀ କା ଅମୃତ ମହୋତ୍ସବ

ରାୟଗଡ଼ା ଅଫିସ,୭।୧୦

ରାୟଗଡ଼ା ଜିଲା ଅମ୍ଲାଭଟ୍ଟା ସ୍ଥିତ ଶ୍ରୀକ୍ଷେତ୍ର ହାଇଟେକ୍ ପବ୍ଲିକ ସ୍କୁଲରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଷ୍ଟ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଗୋବିନ୍ଦ ପ୍ରସାଦ ରଥ ମୁଖ୍ୟ ଅତିଥି ଏବଂ ଜେକେ କାଗଜ କଳର ଜେନେରାଲ ମ୍ୟାନେଜର(ସିଏସ୍‌ଆର୍) ହରିହର ଖମାରି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ମୁଖ୍ୟ ତଥା ଅଧକ୍ଷ ଅଶୋକ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରୀମଦ୍ ଭଗବଦ୍ ଗୀତା ପାଠ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା ସାମୂହିକ ରାମଧୂନ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କହିଥିଲେ, ଯୁବପିଢ଼ି ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସୁନାର ଭାରତ ସ୍ୱପ୍ନ ସାକାର ହୋଇପାରିବ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସ୍କୁଲର ଅଧକ୍ଷ ବିପିନ ବିହାରୀ ବିଶ୍ୱାଳ ଏବଂ ନିର୍ଦ୍ଦେଶକ(ପ୍ରଶାସନ)ଅରୁଣ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଡି. ଶ୍ରୀନିବାସ, ଉପସଭାପତି ଜଗନ୍ନାଥ ପରିଚ୍ଛା, ସମ୍ପାଦକ ଜଗନ୍ନାଥ ରେଡ୍ଡି, ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଅମୃତ ମହୋତ୍ସବ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସୋନିଆ ପାଣିଗ୍ରାହୀ, ଅଫିସର ଇନ୍‌ଚାର୍ଜ ସଦାଶିବ ରାଜଗୁରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଭିଭାବକ ଓ ଅଞ୍ଚଳର ଜନସାଧାରଣ ଉପସ୍ଥିତ ରହି ସମସ୍ତ ଆୟୋଜକ ଓ ଅନୁଷ୍ଠାନର ମୁଖ୍ୟଙ୍କ ପ୍ରଚେଷ୍ଟାକୁ ସାଧୁବାଦ ଜଣାଇଥିଲେ।

## ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ

ଜୟପୁର ୭।୧୦ (ନି.ପ୍ର.)

ଜୟପୁର ଘୋଡାଶାଳ ପଡିଆରେ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟର ସୁନ୍ନି ମୁସଲିମ ପ୍ରିମିୟମ ଲିଗ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଫେଟ ମହମ୍ମଦ ଏସ ଅଲ୍ଲି ହି ଓସଲମଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି ମ୍ୟାଚ କୋଟପାଡ ସହ ଏମସିସି ମଧ୍ୟରେ ହୋଇଥିଲା। ଟସ୍ ଜିତି ପ୍ରଥମେ କୋଟପାଡ ବ୍ୟାଟିଂ କରି ୧୨ ଓଭରେ ୧୭୪ ରନ କରି ଚମ୍ପିୟନ ହୋଇଥିଲା। ଏମସିସି ୧୨ ଓଭରରେ ୧୬୧ ରନ କରିଥିବା ବେଳେ ୧୪ ରନରେ କୋଟପାଡ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପୁରୁଣା ରଣଜୀ କ୍ରିକେଟ ଖେଳାଳି ସୁବାସ ରାଉତ ଉପସ୍ଥିତ ଥିଲେ।

# ହିନ୍ଦୁ ରାଷ୍ଟ୍ର ସଂଘର ସମନ୍ୱୟ ବୈଠକ

ଗୁଣପୁର,୭।୧୦(ଡି.ଏନ୍.ଏ.)

ହିନ୍ଦୁ ରାଷ୍ଟ୍ର ସଂଘ ଗୋବର୍ଦ୍ଧନ ମଠ ପୁରୀ ପିଠାଧିଶ୍ୱର ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ମଠ, ମନ୍ଦିରର ସୁରକ୍ଷା ନିମନ୍ତେ ଏକ ବୈଠକ ହିନ୍ଦୁ ରାଷ୍ଟ୍ର ସଂଘ ଗୁଣପୁର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଠାରେ ହୋଇଥିବା ବୈଠକରେ ଗୁଣପୁର, ଗୁଡାରୀ, ପଦ୍ମପୁର ଏବଂ ରାମନାଗୁଡ଼ା ବ୍ଲକ ତଥା ଗୁଣପୁର ନଗରର ୭୫ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସନାତନ ବୈଦିକ ହିନ୍ଦୁ ଧର୍ମର ପ୍ରଚାର ପ୍ରସାର, ମଠ, ମନ୍ଦିରର ସୁରକ୍ଷା, ଗୋରକ୍ଷା ନେଇ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ପ୍ରତ୍ୟେକ ଶବର ସମାଜ କଲ୍ୟାଣ ସମିତିର ଗ୍ରାମ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଗୁଣପୁର ନଗର ହିନ୍ଦୁ ରାଷ୍ଟ୍ର ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ସମନ୍ୱୟ ବୈଠକ ହେଇଥିଲା। ଆଗାମି ଦିନରେ ପ୍ରତ୍ୟେକ ହିନ୍ଦୁ ପରିବାବରୁ ଦୈନନ୍ଦିନ ଏକ ଘଣ୍ଟା ସମୟ ଓ ଏକ ଟଙ୍କା ଅର୍ଥ ସଂଗ୍ରହ କରି ସେହି ସ୍ଥାନର ମଠ, ମନ୍ଦିରର ସୁରକ୍ଷା ତଥା ସମାଜିକ କଲ୍ୟାଣ ନିମନ୍ତେ ସଙ୍ଗଠନ ମାଧ୍ୟମରେ ବ୍ୟୟ କରିବା ନିମନ୍ତେ ମାର୍ଗଦର୍ଶନ ଦିଆଯାଇଥିଲା। ବୈଠକରେ ଗୁଣପୁର ହିନ୍ଦୁ ରାଷ୍ଟ୍ର ସଂଘର ସଭାପତି ଉମାଶଙ୍କର ଦାସ, ରାୟଗଡ଼ା ଜିଲା ସଭାପତି ଦେବବ୍ରତ ଆଚାର୍ଯ୍ୟ, ଶବର ସମାଜ କଲ୍ୟାଣ ସମିତିର ସଭାପତି ବୁଡ଼ ଶବର, ଆର୍‌ଏସ୍‌ଏସ୍‌ର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରି, କାର୍ଯ୍ୟକର୍ତ୍ତା ପ୍ରଭାତ ମହାପାତ୍ର, ଗୁଣପୁର ନଗରର ବରିଷ୍ଠ ଆଇନଜୀବୀ ଏସ୍. ଗଣପତି ରାଓ, ଆଦିତ୍ୟ ବାହିନୀର ରାଜ୍ୟ ଉପସଭାପତି ତ୍ରିପତି ମହାନ୍ତି, ଅଦ୍ୱୈତ ବେଦାନ୍ତ ଆଶ୍ରମର କାର୍ଯ୍ୟକର୍ତ୍ତା ନଳିନି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



# ସ୍ୱଚ୍ଛ ସର୍ବେକ୍ଷଣ: ଚିକିଟି ଏନ୍‌ଏସି ରାଜ୍ୟରେ ପ୍ରଥମ

ଛତ୍ରପୁର,୭।୧୦(ଡି.ଏନ.ଏ)



ଚିକିଟି ଏନଏସିର ପୁରସ୍କାର ଗ୍ରହଣ କରୁଛନ୍ତି।

କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସ୍ୱଚ୍ଛତା ସର୍ବେକ୍ଷଣ ମାଧ୍ୟମରେ ସହରାଞ୍ଚଳଗୁଡ଼ିକର ପରିମଳ ବ୍ୟବସ୍ଥା ଓ ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ସର୍ବେକ୍ଷଣ କରି ପୁରସ୍କୃତ କରାଯାଇଥାଏ। ଏହି କ୍ରମରେ ୨୦୨୨ପାଇଁ ତଥ୍ୟ ସଂଗ୍ରହ କରଯାଇଥିଲା। ଅକ୍ଟୋବର ୧ରେ ଫଳାଫଳ ଘୋଷଣା ହୋଇଛି। ପୁରସ୍କାର ବିତରଣୀରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ସ୍ୱଚ୍ଛ ସର୍ଭେକ୍ଷଣ ଉପରେ ପୂର୍ବାଞ୍ଚଳ ଜୋନର ୧୫,୦୦୦ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳର ଦ୍ରୁତ ପରିମଳ ପରିଚାଳନାରେ ଓଡିଶାରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଛି। କେନ୍ଦ୍ରଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ରାଷ୍ଟ୍ରମନ୍ତ୍ରୀ କୌଶଳ କିଶୋର ଓ ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ମନୋଜ ଯୋଶୀ ପ୍ରଦାନ କରିଥିଲେ। ପୁରସ୍କାରକୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଭି. କୀର୍ତ୍ତିଭାସନ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ନଗର ଉନ୍ନୟନ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିକିଟି ଏନ୍‌ଏସି ସମ୍ବିତ ସଂଗ୍ରାମଜିତ ସାହୁ, ଜିଲା ନଗର ଉନ୍ନୟନ ସଂସ୍ଥା ସାନିଟେସନ ବିଶେଷଜ୍ଞ ଦୀପକ କୋଠିଆ ଓ କନିଷ୍ଠ ସାନିଟେସନ ବିଶେଷଜ୍ଞ ବାଳକୃଷ୍ଣ ନାୟକ ଗ୍ରହଣ କରିଥିଲେ। ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସାରା ଭାରତରେ ଥିବା ୪୩୫୪ ସହର ମଧ୍ୟରୁ ଜାତୀୟ ସ୍ତରରେ ୪୧ ନମ୍ବର ରେ ରହିଥିବା ବେଳେ ଓଡିଶା ର ୧ ନମ୍ବର ସ୍ଥାନରେ ରହିଛି। ଉକ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଉତ୍ତମ ସିଟିଜେନ ଫିଡବେକ ପାଇଁ ପୁରସ୍କୃତ କରଯାଇଥିଲା। ଭାରତରେ ଥିବା ୪୩୫୪ ସହର ମଧ୍ୟରୁ ଜାତୀୟ ସ୍ତରରେ ୧୧୧ ନମ୍ବର ଓ ଓଡିଶାରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା। ଉକ୍ତ ପୁରସ୍କାରକୁ ଗଞ୍ଜାମ ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ନଗର ଉନ୍ନୟନ ଅଧିକାରୀ , ଏନଏସି ଅଧକ୍ଷ୍ୟ ଫିରୋଜ ସେଠୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଲଗୁଣ୍ଠା ଏନ୍‌ଏସି, ରାକେଶ ପାତ୍ର ଓ କନିଷ୍ଠ ସାନିଟେସନ ବିଶେଷଜ୍ଞ ଜି. ପ୍ରବିନ କୁମାର ଗ୍ରହଣ କରିଥିଲେ। ଆଗାମୀ ଦିନରେ ଆହୁରି ଅଧିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ଅଭିଯାନ ରେ କିଭଳି ଅଂଶୀଦାର ହୋଇପାରିବେ ସେହି ନିମନ୍ତେ ପ୍ରୟାସ ଜାରି ରହିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

